ଧରିତ୍ରୀ
DHARITRI
ଶୁକ୍ରବାର, ୮ ଏପ୍ରିଲ୍, ୨୦୨୨



## ସଂକ୍ଷେପରେ

### ବିଶ୍ୱ ସ୍ୱାସ୍ଥ୍ୟ ଦିବସ



**ମାଧପୁର,୭।୪:** ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଟୁସର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଦୁଃଶାସନ ରାଉଳ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ଅଶୋକ କୁମାର ପ୍ରଧାନ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଧିକାରୀ କଳ୍ପନା ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ବୀଣାପାଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ ଆମ ପୃଥିବୀ ଆମ ସ୍ୱାସ୍ଥ୍ୟ ଏବଂ ଆମ ଜଳ, ପବନ ଓ ଖାଦ୍ୟ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତର ୱାର୍ଡ ସଭ୍ୟ, ଆଶା କର୍ମୀ, ଏମବିକେ, ପ୍ରାଣୀମିତ୍ର, କୃଷିମିତ୍ରଙ୍କ ସହିତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ପଞ୍ଚାୟତରେ ସମୀକ୍ଷା ବୈଠକ



**ମାଧପୁର,୭।୪:** ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତରେ ଗୁରୁବାର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେଟୀଙ୍କ ଅଧକ୍ଷତାରେ ଏହି ବୈଠକରେ ସାଧାରଣତଃ ଗ୍ରୀଷ୍ମପ୍ରବାହ ବେଳେ ପାନୀୟ ଜଳ ସମସ୍ୟା କିଭଳି ଦେଖା ନ ଦେବ ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀ କେମିତି ସୁବିଧା ପାଇପାରିବେ ସେ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିରେ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ଅନୁଗୋଳ ଅଫିସ,୭।୪:** ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆସୋସିଏଶନ ପକ୍ଷରୁ ୧୪ ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟକ ବିରାଟ ଶୋଭାଯାତ୍ରାରେ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ନିକଟରୁ ବାହାରି ବଜାର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ୧୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

### ମରାମତି ଦାବିରେ ରାଜପଥ ଅବରୋଧ

**ଅନୁଗୋଳ ଅଫିସ,୭।୪:** ୫୫ନଂ. ଜାତୀୟ ରାଜପଥ ମରାମତି ଦାବିରେ ଗୁରୁବାର ରାସ୍ତା ଅବରୋଧ କରିଥିଲେ ସ୍କୁଲ ଶିକ୍ଷୟିତ୍ରୀ। ପୂର୍ବରୁ ବିଭିନ୍ନ କାରଣ ଯୋଗୁ ଚର୍ଚ୍ଚାରେ ରହି ଆସୁଥିବା ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ସକାଳେ ରାଜପଥ ଅବରୋଧ କରିଥିଲେ। ସେ କହିଛନ୍ତି, ଦୀର୍ଘଦିନ ହେବ ରାଜପଥ ମରାମତି ହେଉନାହିଁ। ଫଳରେ ଦୁର୍ଘଟଣାମାନ ଘଟି ଲୋକଙ୍କ ପ୍ରାଣହାନି ହେଉଛି। ତଥାପି ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ନାଲ୍‌କୋ ଏଫ୍‌ସିଆଇ ଛକ ନିକଟରେ ରାଜପଥ ଅବରୋଧ କରିଥିବା ଅନୁପମା କହିଛନ୍ତି। ଅନୁପମାଙ୍କୁ ସମର୍ଥନ କରି ସ୍ଥାନୀୟ ଲୋକେ ମଧ ରାସ୍ତାରେ ବସିଥିଲେ। ଖବରପାଇ ନାଲ୍‌କୋ ପୋଲିସ ପହଞ୍ଚି ଶିକ୍ଷୟିତ୍ରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମନୋରଞ୍ଜନ ମନସ୍କ ହେବ ଅନୁଗୋଳ

- ଆଜିଠୁ ଜିଲା ମହୋତ୍ସବ ଆରମ୍ଭ
- ୩ ଦିନ ଧରି ପାଳନ ହେବ
- ବଲିଉଡ ଗାୟକ ମୁଖ୍ୟ ଆକର୍ଷଣ




**ଅନୁଗୋଳ ଅଫିସ,୭।୪**

କରୋନା କଷଣ ଯୋଗୁ ଦୀର୍ଘ ୨ ବର୍ଷ ହେବ ସଜେଇ ହୋଇ ନ ଥିବା ମଞ୍ଚ ଶୁକ୍ରବାର ସଜ୍ଜିତ ହେବ। ଲାଇଟ୍, ସାଉଣ୍ଡ ସହ ଲୋକପ୍ରିୟ କଳାକାରମାନଙ୍କୁ ନେଇ କୋଳାହଳ ପରିବେଶ ଦେଖିବାକୁ ମିଳିବ। ସକାଳେ ଯୋଗ, ପ୍ରାଣାୟାମ ଓ ସନ୍ଧ୍ୟାରେ ଭଳିକି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩ ଦିନ ଧରି ଅନୁଗୋଳ ଜିଲା ମହୋତ୍ସବ ପାଳନ ହେବାକୁ ଯାଉଥିବାରୁ ଏପରି ମନୋରଞ୍ଜନ ମନସ୍କ ହେବେ ସାରା ଅନୁଗୋଳ।

ଅନୁଗୋଳ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ୮ରୁ ୧୦ ତାରିଖ ଯାଏ ହେବାକୁ ଥିବା ନବମ ଜିଲା ମହୋତ୍ସବ–୨୦୨୨ ପାଇଁ ପ୍ରସ୍ତୁତି ଶେଷ କରିଛି ପ୍ରଶାସନ। ଏହି ୩ ଦିନ ମଧ୍ୟରେ ସକାଳୁ ସନ୍ଧ୍ୟାଯାଏ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପଲିଶ୍ରୀ ମେଳା, ବିଶାଳ ଯୋଗ ଶିବିର, ସାରସ୍ୱତ ସମ୍ମେଳନ ଓ ସାଂସ୍କୃତିକ ଭାବବିନିମୟ ଏହି କାର୍ଯ୍ୟସୂଚୀରେ ଅନ୍ତର୍ଭୁକ୍ତ ରହିଛି। ଅନୁଗୋଳ ଷ୍ଟାଡିୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ୮ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍‌ପି ନୀତିଶ ଗଙ୍ଗଦେବ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଏମ୍‌ସିଏଲ୍ ମାନବ ସମ୍ବଳ ନିର୍ଦ୍ଦେଶକ କେଶବ ରାଓ, ନାଲ୍‌କୋ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ସଭାପତିତ୍ୱ କରିବେ। ସେହିପରି ୯ ତାରିଖ ଦ୍ୱିତୀୟ ଦିବସରେ ସନ୍ଧ୍ୟା ୬ଟାରେ ସାଧାରଣ ସଭା ଆୟୋଜିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ସମ୍ମାନିତ ଅତିଥି ଭାବେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ଡ. ସାର୍ଥକ ଷଡ଼ଙ୍ଗୀ, ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅକ୍ଷୟ କୁମାର ପଟ୍ଟନାୟକ, ଏସ୍‌ପି ଜଗମୋହନ ମୀନା, ବେଦାନ୍ତ ମାଇନ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି. ଶ୍ରୀକାନ୍ତ, ଜେଆଇଟିପିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପୁନିତ୍ ଗୁପ୍ତା, କେପିସିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସି.ଏମ୍. ଦିବାକର ଯୋଗଦେବେ। ଜିଲାପାଳ ସଭାପତିତ୍ୱ କରିବେ। ଉଦ୍‌ଯାପନୀ ସମାରୋହ ୧୦ ତାରିଖ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ରାଜ୍ୟ ଗୃହ ନିର୍ମାଣ ନିଗମ ଅଧକ୍ଷ ମୀନକେତନ ଅମାନ୍ତ, ତାଳଚେର ସୁପର ଥର୍ମାଲ ପାୱାର ଷ୍ଟେଶନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ, ଜେଏସ୍‌ପିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହ୍ରିଦୟେଶ୍ୱର ଝା, ଟାଟା ଷ୍ଟିଲ୍ ଉପସଭାପତି ସୁବୋଧ ପାଣ୍ଡେ, ସିଙ୍ଗ୍ରାଣି କଲିୟର୍ସ କମ୍ପାନୀ ବିଡ଼, ଯୋଜନା ଓ ପ୍ରକଳ୍ପ ନିର୍ଦ୍ଦେଶକ ଏନ୍. ବଳରାମ ଯୋଗଦେବେ। ଜିଲାପାଳ ସଭାପତିତ୍ୱ କରିବେ। ଏଥିସହ ପ୍ରତିଦିନ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ବଲିଉଡ ଓ ଓଲିଉଡର ପରିଚିତ ଗାୟକମାନେ ଏଥିରେ ସଙ୍ଗୀତ ପରିବେଷଣ କରିବେ। ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବାବେଳେ ଦୈନିକ ଏକ ହଜାର ଦର୍ଶକ ଷ୍ଟାଡିୟମ ମଧ୍ୟରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିପାରିବେ।

# ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ଚିହ୍ନଟ

**ତାଳଚେର,୭।୪(ନି.ପ୍ର.)**


ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ।

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏଥିପୂର୍ବରୁ ବୁଧବାର ମା'ଙ୍କ ଜନ୍ତାଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତିରେ ମା'ଙ୍କ ଉଭାସ୍ଥଳୀ ମଧ ଚିହ୍ନଟ କରାଯାଇଛି। ଗୋପାଳପ୍ରସାଦସ୍ଥିତ ପୀଠର ପଶ୍ଚିମ ଦିଗରେ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଗଜରାଜ ଷ୍ଟାଡିୟମ ପଛପାର୍ଶ୍ୱ ପଡ଼ିଆରେ ମା' ଅଗ୍ନିରୂପା ଆବିର୍ଭୂତା ହୋଇଛନ୍ତି। ଜନ୍ତାଳ ପୂଜା ପରେ ରାତିରେ ଦେହୁରୀ ମା'ଙ୍କୁ ଶାବରୀ ମନ୍ତ୍ରରେ ଆରାଧନା କରି ବଶୀଭୂତ କରିଥିଲେ। ଏହାପରେ କୋଇଲା ସଂଯୋଗ କରି ଉଭାସ୍ଥଳୀ ଚିହ୍ନଟ କରିଥିଲେ। ଗତବର୍ଷ ପରି ଚଳିତ ବର୍ଷ ମଧ ମା' ଅଗ୍ନିରୂପା ସିଙ୍ଗଡା ନଦୀ ତଟଦେଶରେ ଆବିର୍ଭାବ ହୋଇଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏଥିସହ ମା'ଙ୍କ ନବଦିନବ୍ୟାପୀ ଯାତ୍ରା ପାଇଁ ଉଭାସ୍ଥଳୀଠାରେ ପ୍ରସ୍ତୁତି ଆରମ୍ଭ

**୧୫ରୁ ନବଦିନବ୍ୟାପୀ ଯାତ୍ରା**

ହୋଇଯାଇଛି। କରୋନା କାରଣରୁ ଗତ ୨ ବର୍ଷ ହେଲା ଶ୍ରଦ୍ଧାଳୁମାନେ ମା'ଙ୍କ ଯାତ୍ରାରେ ଯୋଗଦେଇ ନ ଥିବାରୁ ଚଳିତବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ତେଣୁ ପ୍ରଶାସନ ପକ୍ଷରୁ ଏ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି। ସଫେଇଠାରୁ ଆରମ୍ଭ କରି ରାସ୍ତା, ବ୍ୟାରିକେଡ, ଆଲୋକୀକରଣ, ପାର୍କିଂ, ପାନୀୟ ଜଳ ଯୋଗାଣ ସହ ଉଠା ଦୋକାନୀଙ୍କ ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଉଛି। ଏସବୁ କାର୍ଯ୍ୟ କିପରି ଠିକଣା ଭାବେ ସମ୍ପନ୍ନ ହୋଇପାରିବ ସେଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ହସ୍ତାନ୍ତର କରାଯାଉଛି।

# ଛାତ୍ରୀ ନେଲେ ଆତ୍ମସୁରକ୍ଷା ତାଲିମ

**ବନ୍ତଲା,୭।୪(ଡି.ଏନ.ଏ.)**

ଅନୁଗୋଳ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସୁଶ୍ରୀ ରୋଜାଲିନ ମାଝୀ ଓ ଦମୟନ୍ତୀ ଜେନା ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ନିରଜା ସାହୁ ସଭାପତିତ୍ୱ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଶିକ୍ଷାବିତ୍ ଡ. ରମାକାନ୍ତ ଗଡ଼ନାୟକ ଯୋଗଦେଇଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ରଞ୍ଜିତା ସିଂ ସାମନ୍ତ ସଂଯୋଜନା କରିଥିଲେ। ଛାତ୍ରୀ ଶୁଚିସ୍ମିତା ପଣ୍ଡା, ସୋନାଲି ପ୍ରଧାନ ସହଯୋଗ କରିଥିଲେ। ଅଧାପିକା ସୁଶ୍ରୀ ବିଜୟ ଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ। କଲେଜର ସମସ୍ତ ଅଧାପିକା ଅଧାପକ ଉପସ୍ଥିତ ଥିଲେ।



ଜଣେ ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ଦୁର୍ବୃତ୍ତଙ୍କ ଆକ୍ରମଣରେ ୨ ଆହତ

**ଅନୁଗୋଳ ଅଫିସ,୭।୪**

ଅନୁଗୋଳ ସଦର ଥାନା କୁମଣ୍ଡଚଣ୍ଡୀ ବଜାର ଛକରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ବୁଧବାର ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ତାଳଚେର କଲିୟାରୀ ଥାନା ଲକେଇପଶି ଗାଁର ଶ୍ରୀବତ୍ସ ଦାସ ଏବଂ ତାଙ୍କ ଡ୍ରାଇଭର। ଏ ନେଇ ଗୁରୁବାର ଶ୍ରୀବତ୍ସ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ପୋଲିସ କହିଛି, ଶ୍ରୀବତ୍ସ ଏବଂ ଡ୍ରାଇଭର ଏକ ବୋଲେରୋ ଯୋଗେ ଅନୁଗୋଳ ଅଭିମୁଖେ ଆସୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ କୁମଣ୍ଡ ଚଣ୍ଡୀ ବଜାର ନିକଟରେ ଅନ୍ୟ ଏକ ବୋଲେରୋ ରଖି ରାସ୍ତା ଅବରୋଧ କରିଥିଲେ। ଶ୍ରୀବତ୍ସ ଗାଡ଼ି ରଖିବାରୁ ୪ ଜଣ ଦୁର୍ବୃତ୍ତ ଆସି ଗାଡ଼ି ଭଙ୍ଗାରୁଜା କରିବା ସହ ତାଙ୍କୁ ଓ ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ଶ୍ରୀବତ୍ସ ପିନ୍ଧିଥିବା ସୁନା ଚେନ୍ ଛଡ଼ାଇ ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ,୭।୪**


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ପ୍ରଶାସନ ଅଧିକାରୀମାନେ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏଥିରେ ଅଧକ୍ଷତା କରି ଚଳିତ ବର୍ଷର ବିଷୟ ବସ୍ତୁ 'ଆମର ଗ୍ରହ ଆମର ସ୍ୱାସ୍ଥ୍ୟ' ଉପରେ ଗୁରୁତ୍ୱାରୋପ କରିଥିଲେ। ଜଳବାୟୁ ପ୍ରଦୂଷିତ ହେବା ଦ୍ୱାରା ମଣିଷ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ କର୍କଟ, ହୃଦ୍‌ରୋଗ ଭଳି ସାଂଘାତିକ ରୋଗ ହେଉଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଥିଲେ। ଜିଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପ୍ରଧାନ ଜଳ, ପବନ ଓ ଖାଦ୍ୟକୁ ସୁସ୍ଥ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ବିଶ୍ୱ ବିହାରୀ ମହାନ୍ତି ଜଳ ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ରୋଗ ପ୍ରତିରୋଧ ଉପରେ ଅଧିକ ଗୁରୁତ୍ୱ ଦେବା ସହ ନିରାମୟ ଜୀବନ ଯାପନ ବଜାୟ ରଖିବା ନିମନ୍ତେ ସୁଷମ ଖାଦ୍ୟ, ଶୁଦ୍ଧ ପାନୀୟ ଜଳ, ଯୋଗ ଓ ପ୍ରାଣାୟମ ଏବଂ ସୁସ୍ଥ ଜୀବନଶୈଳୀ ଉପରେ ଆଲୋଚନା କରିଥିଲେ। ଜିଲା ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ ଭରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୦୦ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ

**ଖମାର,୭।୪(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ପ୍ରଥମ ପର୍ଯ୍ୟାୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମମାନେ ଏହି ଶିବିରକୁ ସମ୍ପର୍କୀୟମାନଙ୍କ ସହ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ମୋଟ ୪୦୦ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସମାଜ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରିନାରାଣୀ ନାଏକ, ୨୩ ନଂ. ଜୋନ ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟଙ୍କଧର ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ମୋଟ ୮ଟି ପଞ୍ଜୀକରଣ ପ୍ରକୋଷ୍ଠର ବ୍ୟବସ୍ଥା କରାଯାଇଥିଲା। ବ୍ଲକ ସମାଜ ସୁରକ୍ଷା ଅଧିକାରୀ ମନୋରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ ଓ ଉଚ୍ଚ ବିଦ୍ୟାପୀଠର ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍‌ମାନେ ଶିବିରରେ ସମସ୍ତ ସହଯୋଗ କରିଥିଲେ। ପଞ୍ଜୀକରଣ କାର୍ଯ୍ୟକ୍ରମରେ ଅସ୍ଥି ଶଲ୍ୟ ବିଭାଗର ଡାକ୍ତର ଜି. ଆର୍. ବିଶ୍ୱାଳ ୧୭୦ ଜଣ ଭିନ୍ନକ୍ଷମଙ୍କ ଚିହ୍ନଟ କରିଥିଲେ। ସେହିପରି କର୍ଣ୍ଣବାଧିତ ବିଭାଗର ଡାକ୍ତର ପି. କେ. ମହାନ୍ତି ୭୩ଜଣ, ଦୃଷ୍ଟି ବାଧିତ ବିଭାଗର ଡାକ୍ତର ଏନ. ପ୍ରଧାନ ୫୯ଜଣ, ମାନସିକ ଅନଗ୍ରସର ବିଭାଗର ଡାକ୍ତର ଡି. ସାହୁ ୫୩ ଜଣ ଓ ଶିଶୁ ବିଭାଗର ଡାକ୍ତର ଏସ. କେ. ଗଡ଼ନାୟକ ୪୫ ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରି ସେମାନଙ୍କୁ ଚିହ୍ନଟ କରିଥିଲେ।


ଶିବିରରେ ନାମ ପଞ୍ଜୀକରଣ ପାଇଁ ଭିଡ଼।

# ଶାଗୁଆନ ପଦାରେ ନିଆଁ

**ବଇଣ୍ଡା,୭।୪(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରେଳଷ୍ଟେଶନ ନିକଟରେ ଥିବା ଶାଗୁଆନ ପଦାରେ ଗୁରୁବାର କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି। ନିଆଁ ହୁ ହୁ ହୋଇ ଜଳୁଥିବାବେଳେ ଆୟତ୍ତ କରିବାରେ ସ୍ଥାନୀୟ ଅଞ୍ଚଳବାସୀ ବିଫଳ ହୋଇଛନ୍ତି। ଏହାକୁ ନେଇ ନିକଟରେ ଥିବା ବସ୍ତିବାସିନ୍ଦା ଭୟଭୀତ ହୋଇପଡିଛନ୍ତି। ବହୁ ଶାଗୁଆନ ଗଛ ଜଳିଯାଇଥିବା ସୂଚନା ମିଳିଛି।

ଘଟଣାରୁ ଜଣାପଡିଛି, ବଇଣ୍ଡା ଛକରୁ ଷ୍ଟେଶନକୁ ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ୧୯୯୯ ମସିହାରେ ୨ ହଜାରରୁ ଊର୍ଦ୍ଧ୍ୱ ଶାଗୁଆନ ଗଛ ଲଗାଯାଇଥିଲା। ସେଗୁଡିକ ଏବେ ବଡ ହୋଇଯାଇଥିବାବେଳେ କେତେବେଳେ କାଠ ମାଫିଆଙ୍କ ନଜର ପଡି ଗଛ କାଟି ଚାଲାଣ ହେଉଛି ତ ଅନ୍ୟ କେତେବେଳେ ନିଆଁ ଲଗାଇ ଗଛ କାଟି ଚାଲାଣ କରାଯାଉଥିବା ବଇଣ୍ଡା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଗଛଗୁଡିକୁ ସୁରକ୍ଷା ଦେବା ପାଇଁ ବଇଣ୍ଡା ଗ୍ରାମବାସୀ ୨୦୨୦ ଜାନୁୟାରୀ ୧୨ରେ ଏକ ଦାବିପତ୍ର ଆଠମଲ୍ଲିକ ଡିଏଫଓଙ୍କୁ ପ୍ରଦାନ କରିଥିଲେ। ବନ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ଦାବି ହୋଇଛି।


ଶାଗୁଆନ ପଦାରେ ଲାଗିଥିବା ନିଆଁ।

# ଗଦାଧର ଏନ୍‌ଏସି ଉପନଗରପାଳ

**ବଇଣ୍ଡା,୭।୪(ଡି.ଏନ.ଏ.)**

ଆଠମଲ୍ଲିକ ଏନ୍‌ଏସି ନଗରପାଳ ପଦ ପରି ଉପନଗରପାଳ ପଦବୀ ମଧ ବିଜେଡି ହାତେଇଛି। ଦଳ ପକ୍ଷରୁ ୬ ନମ୍ବର ୱାର୍ଡ କାଉନସିଲର ଗଦାଧର ସ୍ୱାଇଁ ପ୍ରାର୍ଥୀ ହୋଇଥିବାବେଳେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ଫଳରେ ୧୧ ୱାର୍ଡ ବିଶିଷ୍ଟ ଏହି ଏନ୍‌ଏସି ସମ୍ପୂର୍ଣ୍ଣ ବିଜେଡି ଅକ୍ତିଆରକୁ ଯାଇଛି। ଏଠାରେ ବିଜେଡିର ୯ କାଉନସିଲର ଥିବାବେଳେ ଭାଜପା ଓ ସ୍ୱାଧୀନରୁ ଜଣେ ଲେଖାଏ କାଉନସିଲର ଅଛନ୍ତି। ତେଣୁ ବିଜେଡି ଏଠାରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ଦଳ ପକ୍ଷରୁ ଉପନଗରପାଳ ପ୍ରାର୍ଥୀ ଦିଆଯାଇଥିଲା। ବିଜେଡି ପ୍ରାର୍ଥୀ ଗଦାଧର ଶୋଭାଯାତ୍ରାରେ ଆସି ନିର୍ବାଚନ ଅଧିକାରୀ ସୋଫି ସାଇନିକାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବାରୁ ଗଦାଧର ଉପନଗରପାଳ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ନୂଆ ଉପନଗରପାଳଙ୍କୁ ବିଜେଡି ପର୍ଯ୍ୟବେକ୍ଷକ ନଳିନୀ କାନ୍ତ ପ୍ରଧାନ, ଏନ୍‌ଏସି ଅଧକ୍ଷା ଆଶା କୁମାରୀ ସାହୁଙ୍କ ସମେତ ବହୁ ବିଜେଡିକର୍ମୀ ଶୁଭେଚ୍ଛା ଜଣାଇଛନ୍ତି।


ନଗରପାଳ ଓ ପର୍ଯ୍ୟବେକ୍ଷକଙ୍କ ସହ ନବନିର୍ବାଚିତ ଉପନଗରପାଳ ଗଦାଧର ସ୍ୱାଇଁ।

# ଅନୁଗୋଳରେ ଅନୁପମା ବିଜୟୀ

- ଅଧକ୍ଷ ପଦ ବିଜେଡି, ଉପାଧକ୍ଷା ଭାଜପା ଭାଗରେ
- ଅନୁଗୋଳ ପୌର ଇତିହାସରେ ନୂଆ ଘଟଣା
- ୧୦ କାଉନସିଲର ଥାଇ ପ୍ରତିଦ୍ୱନ୍ଦ୍ୱିତା କଲାନି ବିଜେଡି

**ଅନୁଗୋଳ ଅଫିସ,୭।୪**

ଅନୁଗୋଳ ପୌରପାଳିକା ଉପାଧକ୍ଷା ପଦ ପ୍ରଥମ ଥର ପାଇଁ ଭାଜପା ଅକ୍ତିଆର କରିଛି। ଗୁରୁବାର ଏହି ପଦବୀ ପାଇଁ ନିର୍ବାଚନ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ଅନୁପମା ସାହୁ ବିଜୟୀ ହୋଇଛନ୍ତି। ତେବେ ୧୦ କାଉନସିଲର ଥିବା ସତ୍ତ୍ୱେ ବିଜେଡି ପ୍ରତିଦ୍ୱନ୍ଦ୍ୱିତାକୁ ନ ଓହ୍ଲାଇବା ଅନୁଗୋଳରେ ଚର୍ଚ୍ଚାର ବିଷୟ ହୋଇଛି।

୨୩ ୱାର୍ଡ ବିଶିଷ୍ଟ ଅନୁଗୋଳ ପୌର ପରିଷଦ ଅଧକ୍ଷ ପଦ ଏଥର ବିଜେଡି ହାତେଇ ନେଇଛି। ପ୍ରଥମ ଥର ପାଇଁ ଦଳ ଏହି ସଫଳତା ପାଇଥିଲେ ମଧ ୨୩ ୱାର୍ଡ ମଧ୍ୟରୁ କେବଳ ୧୦ଟି ନିଜ ଦଖଲକୁ ନେଇପାରିଛି। ଫଳରେ ୧୩ ୱାର୍ଡରେ ବିଜୟୀ ହୋଇଥିବା ଭାଜପା ଏଠାରେ ବଡ଼ ଦଳ ଭାବେ ଉଭା ହୋଇଛି। ତେଣୁ ଉପାଧକ୍ଷା ପଦବୀ ଭାଜପା ଭାଗରେ ପଡ଼ିବ ବୋଲି ପୂର୍ବରୁ କୁହାଯାଉଥିଲା। ହେଲେ ସଂଖ୍ୟା ଗରିଷ୍ଠତା ନ ଥିଲେ ବି ବିଜେଡି ଏତେ ସହଜରେ ଭାଜପାକୁ ବାଟ ଛାଡ଼ିବ ନାହିଁ ବୋଲି ଆଲୋଚନା ହେଉଥିଲା। ଅଧକ୍ଷ ପଦବୀ ପରି ଉପାଧକ୍ଷା ପଦବୀରେ ନିଜ ପ୍ରାର୍ଥୀଙ୍କ ବିଜୟ ପାଇଁ ଦଳ ସମସ୍ତ ବଳ ଖଟାଇବ ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସବୁ ଆଶା ଆଶଙ୍କାର ଅବସାନ ଘଟାଇ ବିଜେଡି ଉପାଧକ୍ଷା ପଦବୀ ପାଇଁ ଗୁରୁବାର ହୋଇଥିବା ନିର୍ବାଚନରୁ ଦୂରେଇ ରହିଥିଲା। ଦଳ ପ୍ରାର୍ଥୀ ନ ଦେବାରୁ ଭାଜପାର ଏକମାତ୍ର ପ୍ରାର୍ଥୀ ଭାବେ ୪ନଂ. ୱାର୍ଡ କାଉନସିଲର ଅନୁପମା ସାହୁ ନାମାଙ୍କନପତ୍ର ଦଖଲ କରିଥିଲେ। ପରେ ନିର୍ବାଚନ ଅଧିକାରୀ ଅନୁପମାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ।


ନିଜ ସମର୍ଥକଙ୍କ ସହ ନୂଆ ଉପାଧକ୍ଷା ଅନୁପମା ସାହୁ।

# ଭାଜପାକୁ ହରାଇଲେ ଶୁଭଶ୍ରୀ ଶୁଭସ୍ମିତା

**ତାଳଚେର,୭।୪(ନି.ପ୍ର.)**

ତାଳଚେର ପୌର ପରିଷଦର ଉପାଧକ୍ଷା ଭାବେ ବିଜେଡିର ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେ ଭାଜପା ପ୍ରାର୍ଥୀ ଅନିତା ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ୨୧ ୱାର୍ଡ ବିଶିଷ୍ଟ ଏହି ପୌର ପରିଷଦରେ ବିଜେଡିର ୧୮ ଓ ଭାଜପାର ୩ କାଉନସିଲର ଅଛନ୍ତି। ପୌରାଧକ୍ଷ ପଦବୀ ବିଜେଡି ହାତେଇଥିବାବେଳେ ଗୁରୁବାର ଉପାଧକ୍ଷା ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ପକ୍ଷରୁ ୧୯ ନମ୍ବର ୱାର୍ଡ କାଉନସିଲର ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଥିଲା। ଭାଜପା ୨୧ ନମ୍ବର ୱାର୍ଡର ବିଜୟୀ କାଉନସିଲର ଅନିତା ବିଶ୍ୱାଳଙ୍କୁ ଟିକେଟ ଦେଇଥିଲା। ଉଭୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ପରେ ନିର୍ଦ୍ଧାରିତ ସମୟରେ ଭୋଟଗ୍ରହଣ ହୋଇଥିଲା। ବିଜେଡିର ଶୁଭଶ୍ରୀ ଶୁଭସ୍ମିତା ୧୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ପୌର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତ ପ୍ରମୁଖ ନିର୍ବାଚନ ବେଳେ ଉପସ୍ଥିତ ଥିଲେ। ନୂଆ ଉପାଧକ୍ଷାଙ୍କୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅଧକ୍ଷ ପବିତ୍ର ଭୂତିଆ ଶୁଭେଚ୍ଛା ଜଣାଇଛନ୍ତି।


ପୌର ଅଧକ୍ଷଙ୍କ ସହ ବିଜୟୀ ଉପାଧକ୍ଷାଙ୍କୁ ଅନ୍ୟମାନେ ଶୁଭେଚ୍ଛା ଜଣାଉଛନ୍ତି।

## ସଂକ୍ଷେପରେ

### ୮୧ ୟୁନିଟ୍ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୭।୪:** ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ପଞ୍ଚାୟତ କଲ୍ୟାଣମଣ୍ଡପରେ ଗୁରୁବାର ବେଲଟିକିରି ଯୁବକ ସଂଘ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୮୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନବନିର୍ବାଚିତ ସରପଞ୍ଚ ବଳଭଦ୍ର ସାମଲଙ୍କ ସମେତ ବହୁ ଉତ୍ସାହୀ ଯୁବତୀଯୁବକ ରକ୍ତଦାନ କରିଥିଲେ। ବିଡିଓ ସୁଧୀର ନାୟକ, ଜିଲା ରେଡକ୍ରସ ଉପସଭାପତି ବିରଞ୍ଚି ନାରାୟଣ ପାଣି, ରାଜକିଶୋର ବେହେରା, ଅକ୍ଷୟ ଜେନା ପ୍ରମୁଖ ଯୋଗଦେଇଥିଲେ। ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ସହଯୋଗ କରିଥିଲେ।

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୭।୪:** ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୋଟ ୮୧ ଜଣ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ କଲେଜ ଅଧକ୍ଷ ପ୍ରଦୀପ ମିଶ୍ର ଯୋଗଦେଇ ଆତ୍ମରକ୍ଷା କୌଶଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧାପକ ଆଶିଷ ପଣ୍ଡା, ଆଶିଷ ନାୟକ, ମାଷ୍ଟର ଟ୍ରେନର ଆକ୍ଲିମା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୋଜକ ଅଧାପକ ଦୁର୍ଗାମାଧବ ପାଣିଗ୍ରାହୀ ପରିଚାଳନା କରିଥିଲେ।

### ଲୋକଙ୍କୁ ଜଣାଅ କେନ୍ଦ୍ରୀୟ ଯୋଜନା

**ଢେଙ୍କାନାଳ ଅଫିସ୍, ୭।୪:** ଢେଙ୍କାନାଳ ଭାଜପା ଜିଲା କାର୍ଯ୍ୟାଳୟରେ ଦଳର ୪୨ତମ ପ୍ରତିଷ୍ଠା ଦିବସ ମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ବୁଧବାର ପାଳିତ ହୋଇଯାଇଛି। ପୌରାଧକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁନୀଲ ଶର୍ମା, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ସନାତନ ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ନିରୋଦ ସାହୁ, ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା, ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ଅତିଥିମାନେ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




**ଢେଙ୍କାନାଳ ଅଫିସ, ୭।୪:** ଢେଙ୍କାନାଳ ଜିଲା ଗଁଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ କାଶୀପୁର, ଷଡ଼ଙ୍ଗୀ, ଖଣ୍ଡବନ୍ଧ, ମଠତେନ୍ତୁଳିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ମହିଳା, ଯୁବଗୋଷ୍ଠୀ ଏବଂ ଅଞ୍ଚଳବାସୀ ସାମିଲ ହୋଇଥିଲେ। କାଶୀପୁରରେ ଏଏନ୍‌ଏମ୍ ମୀନାକ୍ଷୀବାଳା ସାମଲ, ଷଡ଼ଙ୍ଗୀରେ ଏଏନ୍‌ଏମ୍ ପ୍ରମୋଦିନୀ ଜେନା, ସିଏଚ୍‌ଓ ଲକ୍ଷ୍ମୀପ୍ରିୟା ପାତ୍ର, ଖଣ୍ଡବନ୍ଧ ସିଏଚ୍‌ଓ କଳ୍ପନା ମହାନ୍ତି ଏବଂ ଆଶାକର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ‘ସମସ୍ତଙ୍କୁ ମିଳୁ ସ୍ୱାସ୍ଥ୍ୟସେବା’

**ଢେଙ୍କାନାଳ ଅଫିସ, ୭।୪:** ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍ପୁନା କାର୍ଯ୍ୟାଳୟରେ ସଙ୍ଗଠନର ରାଜ୍ୟ ଅଧକ୍ଷ ଆଡ୍‌ଭୋକେଟ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତ, ଚକ୍ଷୁ ବିଶେଷଜ୍ଞ ଡା. ଶ୍ରୀନିବାସ ହୋତା, ‘ଦେଶ କୀ ବାତ୍ ଫାଉଣ୍ଡେଶନ’ର ରାଜ୍ୟ ସଂଯୋଜକ ସରୋଜ ଶତପଥୀ ପ୍ରମୁଖ ଯୋଗଦେଇ ସବୁବର୍ଗ ପାଇଁ ପ୍ରମୁଖ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେଉ ବୋଲି ଦାବି କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରଫେସର ଦିଲୀପ ନନ୍ଦ, ବିଶ୍ୱନାଥ ମହାପାତ୍ର, ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବିଜେଡି କବ୍‌ଜାରେ ୩ ଉପାଧ୍ୟକ୍ଷ ପଦବୀ



ବିଧାୟକ ସୁଧୀର ସାମଲ ଏବଂ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ନବ ନିର୍ବାଚିତ ପୌର ଉପାଧକ୍ଷ ପ୍ରକାଶ ଚନ୍ଦ୍ର କୁଅଁର।

**ଢେଙ୍କାନାଳ ଅଫିସ୍, ୭।୪**

■ ପ୍ରକାଶ କୁଅଁର ଢେଙ୍କାନାଳ ଉପାଧକ୍ଷ
■ ବସ୍ତି ଅଞ୍ଚଳର ବିକାଶ ପାଇଁ ଦେଲେ ପ୍ରତିଶ୍ରୁତି

ପୌର ନିର୍ବାଚନରେ ଭାଜପା ଜନସମର୍ଥନ ଆଗରେ ମାତ୍ ଖାଇଥିଲା ଶାସକ ଦଳ। ଢେଙ୍କାନାଳ ମ୍ୟୁନିସିପାଲିଟିର ୨୩ଟି ୱାର୍ଡ ମଧ୍ୟରୁ ୧୩ଟି କରାୟତ୍ତ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ବିଜେଡି ହାତରୁ ଖସିଯାଇଥିଲା ପୌରାଧକ୍ଷ ଆସନ। ହେଲେ ଉପାଧକ୍ଷ ନିର୍ବାଚନରେ ବିଜୟୀ ହୋଇ ଭାଜପାକୁ ଘେରିବାର ରଣନୀତିରେ ସଫଳ ହୋଇଛି ବିଜେଡି। ଏହାକୁ ବାଦ୍‌ଦେଲେ ଭୁବନ ଏବଂ କାମାକ୍ଷାନଗର ଏନ୍‌ଏସି ଉପନଗରପାଳ ପଦବୀ ମଧ୍ୟ ଶାସକ ଦଳ ଖାତାକୁ ଯାଇଛି।

ଢେଙ୍କାନାଳ ପୌରାଞ୍ଚଳରେ ବିଜେଡିର ୫ନଂ. ୱାର୍ଡ କାଉନ୍‌ସିଲର ପ୍ରକାଶ ଚନ୍ଦ୍ର କୁଅଁର ଭାଜପାର ୧୫ନଂ. ୱାର୍ଡ କାଉନ୍‌ସିଲର ନୀରୋଦ କୁମାର ସାହୁଙ୍କୁ ୧୪-୯ ଭୋଟ୍‌ରେ ପରାସ୍ତ କରି ଉପାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବିଜେଡିର ପ୍ରାଧିକୃତ ଏଜେଣ୍ଟ ଭାବେ ବିଧାୟକ ସୁଧୀର କୁମାର ସାମଲ, ଭାଜପାର ବିଷ୍ଣୁ ପ୍ରସାଦ ଲେଙ୍କା ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପୌରାଧକ୍ଷା ଜୟନ୍ତୀ ପାତ୍ର ମଧ୍ୟ ପୌରସଂସ୍ଥା କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ବିଜେଡିର ୧୪ ଏବଂ ଭାଜପାର ୯ଜଣ କାଉନ୍‌ସିଲର ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପ୍ରବେଶ କରିଥିଲେ। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ନିର୍ବାଚନ ଅଧିକାରୀ ଭାବେ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ମତ ଗଣନା ପରେ ନିର୍ବାଚନ ଅଧିକାରୀ ପ୍ରକାଶଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।

ଉପାଧକ୍ଷ ଭାବେ ନିର୍ବାଚିତ ହେବା ପରେ ପ୍ରକାଶ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ ସୁଧୀର କୁମାର ସାମଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଧାୟକଙ୍କ ନିର୍ଦ୍ଦେଶରେ ପୌରାଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବିକାଶକୁ ପ୍ରାଥମିକତା ଦିଆଯିବ। ବସ୍ତି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଦିଗରେ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପୌର ନିର୍ବାଚନରେ ପ୍ରକାଶଙ୍କ ବିଜୟ ସବୁଠାରୁ ଚର୍ଚ୍ଚିତ ଥିଲା। ସେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପା ପ୍ରାର୍ଥୀ ରୁଦ୍ରନାରାୟଣ ତ୍ରିପାଠୀଙ୍କଠାରୁ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ଜିତିଥିଲେ। ପ୍ରକାଶଙ୍କୁ ୪୦୬ ଖଣ୍ଡ ଭୋଟ ମିଳିଥିବାବେଳେ ରୁଦ୍ରନାରାୟଣ ୪୦୫ ଭୋଟ ପାଇଥିଲେ। ହେଲେ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ରୁଦ୍ରନାରାୟଣ ଗତ ଗୁରୁବାର ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହାର ଦିନକ ପରେ ପ୍ରକାଶ ପୌର ଉପାଧକ୍ଷ ଭାବେ ନିର୍ବାଚିତ ହେବା ସହରରେ ଆଲୋଚନାର ବିଷୟ ପାଲଟିଛି।



ନବନିର୍ବାଚିତ ଉପନଗରପାଳଙ୍କୁ ବିଧାୟିକା ଏବଂ ନଗରପାଳ ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

## ଶକୁନ୍ତଳା ନିର୍ଦ୍ୱନ୍ଦ୍ୱ

**କାମାକ୍ଷାନଗର, ୭।୪(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସିର ଉପନଗରପାଳ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ୨ନଂ. ୱାର୍ଡର ବିଜେଡି କାଉନ୍‌ସିଲର ଶକୁନ୍ତଳା ସେଠୀ। ପୌର ଭୋଟରେ ବିରୋଧୀ ମୂଳପୋଛ ହୋଇଯାଇଥିବାବେଳେ ନିର୍ବାଚନ କେବଳ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଥିଲା।

ପୌର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ପୂର୍ବାହ୍ନ ୧୦ଟାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶକୁନ୍ତଳା ଏକମାତ୍ର ପ୍ରାର୍ଥିନୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ନିର୍ବାଚନ ଅଧିକାରୀ ଝସକେତନ ନାୟକ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ବିଜେଡି ଏଜେଣ୍ଟ ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ନଗରପାଳ ଧର୍ମାନନ୍ଦ ପରିଡ଼ା, ସମସ୍ତ ୧୪ ବିଜେଡି କାଉନ୍‌ସିଲର ଉପସ୍ଥିତ ଥିଲେ। ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ରଥ ପରିଚାଳନାରେ ସହଯୋଗ କରିଥିଲେ।

ନବ ନିର୍ବାଚିତ ଉପନଗରପାଳଙ୍କୁ ନଗରପାଳ ଏବଂ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ନିଜ ପ୍ରତିକ୍ରିୟାରେ ଶକୁନ୍ତଳା କୁହନ୍ତି, କାମାକ୍ଷାନଗରକୁ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ପାଇଁ ସେ ସମସ୍ତ ଉଦ୍ୟମ କରିବେ। ଲୋକଙ୍କ ସହିତ ରହିବେ। ନଗରପାଳଙ୍କ ସହ ମିଶି ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବେ। ଉଲ୍ଲେଖଯୋଗ୍ୟ, କାମାକ୍ଷାନଗର ଏନ୍‌ଏସିର ୧୫ଟି ୱାର୍ଡ ମଧ୍ୟରୁ ୧୪ଟିରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂରକ୍ଷଣ ମାନଦଣ୍ଡ ପୂରଣ କରିପାରୁ ନ ଥିବାରୁ ୧୫ନଂ. ୱାର୍ଡରେ କୌଣସି ଦଳ ପ୍ରାର୍ଥୀ ଦେଇ ନ ଥିଲେ। ଅବଶିଷ୍ଟ ୧୪ ୱାର୍ଡକୁ ବିଜେଡି ପୋଛିନେଇଥିଲା।

## ସସ୍ମିତାଙ୍କୁ ହରାଇଲେ ମାନିନି

**ଭୁବନ, ୭।୪(ଡି.ଏନ୍.ଏ.):** ଭୁବନ ଏନ୍‌ଏସି ଉପନଗରପାଳ ଭାବେ ୩ନଂ. ୱାର୍ଡର ବିଜେଡି କାଉନ୍‌ସିଲର ମାନିନି ସାହୁ ନିର୍ବାଚିତ ହୋଇଛନ୍ତି। ଏନ୍‌ଏସି ସଭାଗୃହରେ ଆୟୋଜିତ ନିର୍ବାଚନ ପ୍ରକ୍ରିୟାରେ ସମସ୍ତ ୧୫ କାଉନ୍‌ସିଲର ସାମିଲ ହୋଇଥିଲେ। ମାନିନିଙ୍କୁ ୮ ଖଣ୍ଡ ଏବଂ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ତଥା ୮ନଂ. ୱାର୍ଡର ଭାଜପା ପ୍ରାର୍ଥିନୀ ସସ୍ମିତା ନାଏକ ୭ ଖଣ୍ଡ ଭୋଟ ପାଇଥିଲେ। ମାନିନିଙ୍କୁ ନିର୍ବାଚନ ଅଧିକାରୀ ତଥା ତହସିଲ୍‌ଦାର ରୋସାଲିନ ବେହେରା ବିଜୟୀ ଘୋଷଣା କରିଥିଲେ। ବିଜେଡି ପକ୍ଷରୁ ଜିଲା ଛାତ୍ର ବିଜୁ ଜନତା ଦଳ ସଭାପତି ସୁରଜ କୁମାର ମହାପାତ୍ର ଏବଂ ଭାଜପା ପକ୍ଷରୁ ସନ୍ତୋଷ କୁମାର ବିହାରୀ ଏଜେଣ୍ଟ ରହିଥିଲେ। ଫଳାଫଳ ଘୋଷଣା ପରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଦଳୀୟ ନେତୃବୃନ୍ଦ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଜ ପ୍ରତିକ୍ରିୟାରେ ଉପନଗରପାଳ କୁହନ୍ତି, ଦଳମତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗରେ ଭୁବନ ଏନ୍‌ଏସିର ଉନ୍ନୟନମୂଳକ କାର୍ଯ୍ୟ କରାଯିବ।



ଫଳାଫଳ ଘୋଷଣା କରାଯିବା ପରେ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ ଉପନଗରପାଳ ମାନିନି ସାହୁ ଏବଂ ନଗରପାଳ ଶୁଭେନ୍ଦୁ କୁମାର ସାହୁ।

## ଦିବ୍ୟାଙ୍ଗ ଶିଶୁଙ୍କୁ ସ୍ୱତନ୍ତ୍ର ଶଯ୍ୟା



ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ୍, ୭।୪**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ପ୍ରିୟ’ ଏବଂ ନବଭାରତ ଭେଞ୍ଚର୍ସର ମିଳିତ ଆନୁକୂଲ୍ୟରେ ଶଯ୍ୟାଶାୟୀ ଥିବା ୩୦ ଦିବ୍ୟାଙ୍ଗ ଶିଶୁଙ୍କୁ ସ୍ୱତନ୍ତ୍ର ଶଯ୍ୟା ବଣ୍ଟନ କରାଯାଇଛି। ଜିଲାପାଳ ସରୋଜ ସେଠୀ, ନବଭାରତ କମ୍ପାନୀର ଉପସଭାପତି ଜି. ପ୍ରକାଶ ଉପସ୍ଥିତ ଥିଲେ। ସଂଯୋଜକ ରାଧେଶ୍ୟାମ ସିଂ, ବିଡିଓ ଆଶିଷ ରଞ୍ଜନ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ସିଡିପିଓ ଉର୍ମିଳା ଦେହୁରୀ ପ୍ରମୁଖ ଦିବ୍ୟାଙ୍ଗ ଶିଶୁଙ୍କୁ ପୋଷାକ ପ୍ରଦାନ କରିଥିଲେ। ସରପଞ୍ଚ ରାହୁଲରାୟ ମହାଳିକ, ବିଜୟଲକ୍ଷ୍ମୀ ରାଉତ, ରଞ୍ଜୁଲତା ଦାସ, ଓମ୍‌ପ୍ରକାଶ ଦାଶ, ସ୍ନେହଲତା ପୃଷ୍ଟି, ସମିତିସଭ୍ୟ ଡାଳିମ୍ବ ଦିଗି, ମୋନାଲିସା ସାହୁ, ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗ ଉନ୍ନତି ଲାଗି ଯଥାସମ୍ଭବ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ‘ପ୍ରିୟ’ ଅନୁଷ୍ଠାନର ସଭାପତି ରତ୍ନାକର ପ୍ରଧାନ, ନିର୍ଦ୍ଦେଶକ ଟଙ୍କଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଙ୍ଗମାଟିଆ ସ୍କୁଲ ପୁନଃ କାର୍ଯ୍ୟକ୍ଷମ ଦାବି

**କାମାକ୍ଷାନଗର, ୭।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ପଞ୍ଚାୟତ ରଙ୍ଗମାଟିଆ ପ୍ରାଥମିକ ବିଦ୍ୟାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବି ଜୋର୍ ଧରିଛି। ଏ ନେଇ ଅଭିଭାବକମାନେ ଗୁରୁବାର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ରଙ୍ଗମାଟିଆ ସ୍କୁଲକୁ ବଡ଼ସୁଆଁଳ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ହେଲେ ଏହାକୁ ନେଇ ଗ୍ରାମବାସୀ ଚିନ୍ତାରେ ଅଛନ୍ତି। କାରଣ ରଙ୍ଗମାଟିଆ ଗ୍ରାମଠାରୁ ବଡ଼ସୁଆଁଳ ଉଚ୍ଚ ବିଦ୍ୟାଳୟର ଦୂରତା ପ୍ରାୟ ୨ କି.ମି.। ସେଠାକୁ ଯିବାକୁ ହେଲେ ୪ ଲେନ୍ ବିଶିଷ୍ଟ ୫୩ନଂ. ଜାତୀୟ ରାଜପଥ ଅତିକ୍ରମ କରିବାକୁ ହେବ। ତେଣୁ ଛୋଟ ପିଲାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ତେଣୁ ଗ୍ରାମ ସ୍କୁଲକୁ ପୁନଃକାର୍ଯ୍ୟକ୍ଷମ କରାଇବାକୁ ସମ୍ପଦ ମଲିକ, ଦୈତାରୀ ମଲିକ, ବାଳକୃଷ୍ଣ ମଲିକ, ହରିହର ମଲିକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ କୁହନ୍ତି, ଶିକ୍ଷା ବିଭାଗ ସହିତ ଆଲୋଚନା କରାଯିବାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ତୈଳ ଦର ବୃଦ୍ଧିର ପ୍ରତିବାଦ



ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜିଲା ଛାତ୍ର କଂଗ୍ରେସର କାର୍ଯ୍ୟକର୍ତ୍ତା ଏବଂ ଦଳୀୟ କର୍ମୀମାନେ।

**ଢେଙ୍କାନାଳ ଅଫିସ, ୭।୪**

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶରେ ସାରା ଦେଶରେ ଦିଆଯାଇଥିବା ‘ମହଙ୍ଗାୟୀ ମୁକ୍ତ ଭାରତ ଅଭିଯାନ’ ଡାକରାରେ ସାମିଲ ହୋଇଛି ଢେଙ୍କାନାଳ ଜିଲା ଛାତ୍ର କଂଗ୍ରେସ। ଏହି ଉପଲକ୍ଷେ ଗୁରୁବାର ସକାଳେ କୁଞ୍ଜକାନ୍ତସ୍ଥିତ ପେଟ୍ରୋଲ୍ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରରେ ଥିବା ମୋଦି ସରକାର ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦର ହୁ ହୁ ହୋଇ ବଢ଼ିଚାଲିଛି। ଏହାର ପ୍ରଭାବରେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ଆକାଶଛୁଆଁ ହେଲାଣି। ଅର୍ଥନୀତି ପରିଚାଳନାରେ ବିଫଳ ମୋଦି ସରକାର ତୁରନ୍ତ ଗାଦି ଛାଡ଼ିଦେବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଜିଲା ଛାତ୍ର କଂଗ୍ରେସ୍ ସଭାପତି ଶୁଭମ୍ ଦାଶଙ୍କ ନେତୃତ୍ୱରେ ସଦର ନିର୍ବାଚନମଣ୍ଡଳୀ ସଭାପତି କମଲ୍‌ପ୍ରୀତ୍ ସିଂ, ଉପସଭାପତି ସିଦ୍ଧାନ୍ତ ମିଶ୍ର, ସାଧାରଣ ସମ୍ପାଦକ ରଜତ୍ ନାୟକ, ସମ୍ପାଦକ ସୌମ୍ୟଜିତ୍ ମଲ୍ଲିକ, କାଳିଆ ଦାସ, କାହ୍ନୁ ଚରଣ ବସନ୍ତରା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

## ସିଂହାସନ ବିଜେ ମହୋତ୍ସବ



ଆୟୋଜିତ କଳସ ଯାତ୍ରାରେ ମହିଳା ଶ୍ରଦ୍ଧାଳୁମାନେ।

**ଢେଙ୍କାନାଳ ଅଫିସ୍, ୭।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟିସ୍ଥିତ ମା’ ବାଟମଙ୍ଗଳାଙ୍କ ୧୦ମ ସିଂହାସନ ବିଜେ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣୀ ନଦୀର ଶ୍ରୀଲୋକନାଥ ମନ୍ଦିର ଘାଟରୁ ୧୦୮ ମହିଳା ଶ୍ରଦ୍ଧାଳୁ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୧ଟା ୪୦ରୁ ପର୍ଯ୍ୟାୟକ୍ରମେ ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ଅଙ୍କୁରାରୋପଣ, ପୁଷ୍ପାଞ୍ଜଳି, ଆଳତି ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ପ୍ରସାଦସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସୂର୍ଯ୍ୟପୂଜା, ଅଭିଷେକ, ଚଣ୍ଡୀହୋମ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ରାତିରେ ଦଣ୍ଡନୃତ୍ୟ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ଶାଖା କେନାଲ ରାସ୍ତା ଶୋଚନୀୟ

**ପରଜଙ୍ଗ, ୭।୪(ଡି.ଏନ୍.ଏ.)**

ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଶୋଚନୀୟ ହୋଇପଡ଼ିଛି ରେଙ୍ଗାଳି ବାମପାର୍ଶ୍ୱ ମୁଖ୍ୟ କେନାଲରୁ ବାହାରିଥିବା ଶାଖା କେନାଲ ରାସ୍ତା। ଶତାଧିକ ଚାଷୀ ଏବଂ ଗ୍ରାମବାସୀଙ୍କ ଜୀବନରେଖା ଭାବେ ପରିଚିତ ଏହି ଗ୍ରାମାଞ୍ଚଳ ରାସ୍ତା

### ଚାଷୀଙ୍କ ଆନ୍ଦୋଳନ ଚେତାବନୀ

ମରଣଯନ୍ତା ପାଲଟି ଥିବାବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ, ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଞ୍ଚଳ ଦେଇ ଯାଇଛି ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ। ଆଭ୍ୟନ୍ତରୀଣ ଜମିକୁ ଜଳସେଚନ ପାଇଁ କାନ୍ତୋର ନିକଟରୁ ଏକ ଶାଖା କେନାଲ ଖୋଳାଯାଇଛି।



ଶୋଚନୀୟ ହୋଇପଡ଼ିଥିବା ଶାଖା କେନାଲ ରାସ୍ତା।

ଏହି କେନାଲ ପରଜଙ୍ଗ, ଖଣ୍ଡୁଆଳମୁଣ୍ଡା, କନ୍ଦରସିଂହା, ଲୋଧଣୀ, ସାଆନ୍ଦା ଗ୍ରାମ ଦେଇ କାମାକ୍ଷାନଗରକୁ ଲମ୍ବିଛି। ଗମନାଗମନ ସୁବିଧା ପାଇଁ ଶାଖା କେନାଲକୁ ଲାଗି ଏକ ପିଚୁ ରାସ୍ତା ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତା ଦେଇ କେନାଲ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ଗାଡ଼ି, ଆଖପାଖ ଅଞ୍ଚଳର ଲୋକେ ଏବଂ ଚାଷୀମାନେ ଜମିକୁ ହଳ ଓ ଟ୍ରାକ୍ଟର ନେଇ ସୁବିଧାରେ ଯିବାଆସିବା କରୁଥିଲେ। ହେଲେ ଦୀର୍ଘଦିନ ଧରି ମରାମତି ଅଭାବରୁ ଏହା ଖାଲଖମାରେ ଭର୍ତ୍ତି ହୋଇଛି। ବିଭାଗ ପକ୍ଷରୁ କାମଚଳା ଭାବେ ମରାମତି କରାଯାଉଥିଲେ ମଧ୍ୟ ତାହା ଦୀର୍ଘସ୍ଥାୟୀ ହୋଇପାରୁନାହିଁ। କାରଣ ପିଚୁ ବଦଳରେ ଖାଲଖମା ସ୍ଥାନରେ ମାଟି ପକାଇ ସମତୁଲ କରାଯାଉଛି। ଫଳରେ ବର୍ଷା ହେଲେ କିମ୍ବା ଗାଡ଼ିମୋଟର ଚଳାଚଳ କଲେ ରାସ୍ତାରେ ପୁଣି ଗର୍ତ୍ତ ସୃଷ୍ଟି ହେଉଛି। ସାମାନ୍ୟ ବର୍ଷା ହେଲେ କାଦୁଅରେ ଭର୍ତ୍ତି ହୋଇଯାଉଛି। ଗାଡ଼ିମୋଟର ତ ଦୂରର କଥା ପାଦରେ ଚାଲିକରି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଚାଷୀମାନେ ସମସ୍ୟାରେ ପଡୁଛନ୍ତି। ତେଣୁ ଶୋଚନୀୟ ହୋଇପଡ଼ିଥିବା ରାସ୍ତାକୁ ପୁନରୁଦ୍ଧାର କରିବା ସହିତ ପିଚୁ ଢଳେଇ କରିବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଚିନ୍ମୟ ସାହୁ କୁହନ୍ତି, ଗତବର୍ଷ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅଟକଳ କରାଯାଇ ଅନୁଦାନ ମଞ୍ଜୁରୀ ପାଇଁ ପଠାଯାଇଥିଲା। ଚଳିତ ବର୍ଷ ଆଉଥରେ ଅଟକଳ କରି ପଠାଇବାକୁ ଚିଠି ଆସିଛି। ଖୁବ୍‌ଶୀଘ୍ର ଏଷ୍ଟିମେଟ୍ କରି ଚିଠି ପଠାଯିବ ବୋଲି ସେ କହିଛନ୍ତି।

